# ତହସିଲଦାରଙ୍କ କାର୍ଯ୍ୟାଳୟ, ମ.ରାମପୁର

ପତ୍ର ସଂଖ୍ୟା-୧୧୦ ତାରିଖ-୦୪.୦୧.୨୦୨୫

DRP ମାମଲା ସଂଖ୍ୟା- ୧୨/୨୦୨୫

## ଇସ୍ତାହାର

ଏତଦ୍ୱାରା ଡୁଡୁକାରଞ୍ଜା ଗ୍ରା.ପ. ଅଧିନସ୍ଥ ଲୋହରାସଡା ଗ୍ରାମର ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିଟି ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ନାମରେ ବନ୍ଦୋବସ୍ତ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଅଛି। ଏଥି ସମ୍ବନ୍ଧୀୟ ମାମଲା ଏହି କାର୍ଯ୍ୟାଳୟରେ ଅନୁଷ୍ଠିତ କରାଯାଇ ତତ୍ ସମ୍ବନ୍ଧୀୟ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉକ୍ତ ଜମି ଆବାଦ ଅଯୋଗ୍ୟ ଅନାବାଦି ଖାତାଭୁକ୍ତ ଏବଂ କିସମ ଡୁଙ୍ଗୁରି ଅଟେ । ଏହି ଜାଗା ଉପରେ ଲୋହରାସଡା ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇ କାର୍ଯ୍ୟକାରୀ ହୋଇ ଆସୁଅଛି । ଅତଏବ ଏହି ମାମଲା ଉପରେ ଯଦି କାହାର କୌଣସି ଆପତ୍ତି/ଅଭିଯୋଗ ଥାଏ ତାହେଲେ ଏହି ଇସ୍ତାହାର ଜାରି ହେବା ତାରିଖ ଠାରୁ ପରବର୍ତ୍ତୀ ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଆବଶ୍ୟକୀୟ କୋର୍ଟ ଫିଜ୍ ଷ୍ଟାମ୍ପ ଲଗାଇ ଏହାର ଶୁଣାଣି ନିମନ୍ତେ ଆପତ୍ତି/ ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଆପତ୍ତି/ ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ମାମଲା ଜମିର ବିବରଣୀ

| ମୌଜା | ଖାତାନଂ | ପ୍ଲଟ ନଂ | କିସମ | ମୋଟ ଏରିଆ | ପ୍ରସ୍ତାବିତ ଏରିଆ |
|---|---|---|---|---|---|
| ଲୋହରାସଡା | ୧୩ (ଆବାଦ ଅଯୋଗ୍ୟ ଅନାବାଦି) | ୮୮ | ଡୁଙ୍ଗୁରି | ଏ ୧୪.୨୩ ଡି | ଏ ୦.୩୦ଡି |

ତହସିଲଦାର,
ମ.ରାମପୁର
୦୪/୦୧/୨୫

ସ୍ମାରକ ସଂଖ୍ୟା -୧୧୧ ତାରିଖ – ୦୪.୦୧.୨୦୨୫

ଏହି ଇସ୍ତାହାରର ଏକକିତା ନକଲ ଏହି କାର୍ଯ୍ୟାଳୟ ର ନୋଟିସ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱନିରୀକ୍ଷକ, ବାରବନ୍ଧା ମଣ୍ଡଳ/ ସରପଞ୍ଚ, ଡୁଡୁକାରଞ୍ଜା ଗ୍ରା.ପଙ୍କୁ ପ୍ରେରଣ କରି ଅନୁରୋଧ କରାଗଲା କି ଜନସାଧାରଣଙ୍କ ଅବଗତି ନିମନ୍ତେ ସେମାନଙ୍କ କାର୍ଯ୍ୟାଳୟର ନୋଟିସ ଫଳକରେ ପ୍ରକାଶିତ କରିବେ । ଏହା ଛଡା ଲୋହରାସଡା ଗ୍ରାମର ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଜାରି କରାଗଲା ।

ଏହାର ଏକକିତା ନକଲ DeGM, କଳାହାଣ୍ଡିଙ୍କୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ କଳାହାଣ୍ଡି ଜିଲ୍ଲା ୱେବସାଇଟ(kalahandi.odisha.gov.in) ରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,
ମ.ରାମପୁର
୦୪/୦୧/୨୫